## ବଢୁଛି ନଦୀ ଜଳସ୍ତର

ଶେରଗଡ଼,(ସୂର୍ଯ୍ୟ ନାରାୟଣଦାଶ):ଶେରଗଡରେ ଗତ ତିନି ଦିନ ହେଲା ଲଘୁଚାପଜନିତ ବର୍ଷା ଲାଗି ରହିଛି। ଏଥିଯୋଗୁ ଯୋଗୁ ଜନଜୀବନ ଅତିଷ୍ଠ ହୋଇପଡିଛି। ବର୍ଷା ଲାଗିରହିଥିବାରୁ ନନ୍ଦିନୀ, ଘୋଡାହଡ ନଦୀରେ ଜଳସ୍ତର ବଢୁଥିବା ଜଣାପଡିଛି। ବ୍ଲକରେ ଶନିବାର ୧୨ ମି.ମି. ବର୍ଷା, ରବିବାର ୬୦ ମି.ମି. ବର୍ଷା ଓ ସୋମବାର ୩୦.୪ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

# ଗଞ୍ଜାମ ଜିଲାରେ ବର୍ଷା ବିପ୍ରାତ, ଗଛପଡ଼ି ରାସ୍ତା ଅବରୋଧ


କୋର୍ଟପେଟା ସ୍କୁଲ ସମ୍ମୁଖ ରାସ୍ତାରେ ଗଛ ଉପୁଡି ପଡିଛି।

ବ୍ରହ୍ମପୁର,୯।୯(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାରେ ଦୁଇଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ବର୍ଷା ବିପ୍ରାତ ଲାଗି ରହିବା ସହ ଅନେକ ଖାଲୁଆ ଜମିରେ ପାଣି ପଶିଯାଇଛି। ଅନେକ ସ୍ଥାନରେ କଚ୍ଚାଘରଗୁଡିକ ପ୍ରତି ବିପଦ ଦେଖାଦେଇଛି। ଦିଗପହଣ୍ଡି ବ୍ଲକରେ ଏକ ଘରର କାନ୍ଥ ଭୁଶୁଡି ପଡିବାରୁ ଜଣେ ନାବାଳିକା ଆହତ ହୋଇଥିବା ଖବର ମିଳିଛି। ବହୁ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିଛି। କେତେକ ସ୍ଥାନରେ ରାସ୍ତାକଡେ ଥିବା ଗଛଗୁଡିକ ଉପୁଡି ପଡି ରାସ୍ତା ଅବରୋଧ ହୋଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ ବର୍ଷାର ପୂର୍ବାନୁମାନ ନେଇ ସତର୍କ କରି ଦିଆଯାଇଥିଲା। ଏଥି ସହିତ ପବନ ବହିବା ଆଶଙ୍କା ରହିଥିବା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ବିପ୍ରାତ ଲାଗି ରହିଛି। ସୋମବାର ସକାଳୁ ୪୦ରୁ ୫୫ କିମି ବେଗରେ ପବନ ବହିଛି। ଫଳରେ କେତେକ ସ୍ଥାନରେ ଗଛ ଉପୁଡି ପଡ଼ିଥିବା କୁହାଯାଉଛି। ସକାଳୁ ଟାଟା ବେଞ୍ଚ ଛକ ନିକଟରେ ଥିବା ପୌର ଉଚ୍ଚ ବିଦ୍ୟାଳୟ ରାସ୍ତାକଡକୁ ଲାଗି ରହିଥିବା ଏକ ଗଛ ଉପୁଡି ପଡ଼ିଥିଲା। ଫଳରେ ଅନେକ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇପଡିଥିଲା। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ଗଛକୁ ରାସ୍ତାରୁ ହଟାଇବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡିଥିବା ସହିତ କଚ୍ଚା ଘରର କାନ୍ଥ ବିପଦରେ ଥିବା ସୂଚନା ମିଳିଛି। ବର୍ଷା ଯୋଗୁ ବଜାର ମାନ୍ଦା ରହିଛି। ତେବେ ବର୍ଷା ବିପ୍ରାତ ଯୋଗୁ ସହରର ଖାଲୁଆ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି। ବିଶେଷ କରି ସକାଳୁ ପ୍ରବଳ ବର୍ଷାରେ ଗଜପତିନଗର, ଧର୍ମନଗର ଆଦି ଅଞ୍ଚଳରେ ପାଣିର ସୁଅ ଚାଲିଥିଲା। ସହରର ଉଠାଜଳସେଚନ ବିଭାଜନ ସମ୍ମୁଖ ରାସ୍ତା ଜଳାର୍ଣ୍ଣବ ହୋଇପଡିଥିଲା। ରାସ୍ତା ଡିଭାଇଡର ଡେଇଁ ପାଣି ନର୍ଦ୍ଦମାକୁ ଆସୁଥିବା ଦେଖାଯାଇଥିଲା। ତେବେ ବର୍ଷା ହେବା ମାତ୍ରେ ଏହି ରାସ୍ତା ଜଳାର୍ଣ୍ଣବ ହୋଇପଡୁଥିଲେ ବି ବିଏମସି ପକ୍ଷରୁ କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଜିଲାରେ ରବିବାର ୩୮୬.୧ ମିମି ବର୍ଷା ହୋଇଥିବାବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ୧୨୭୧.୮ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ଓ୍ୱେବ ସାଇଟରୁ ସୂଚନା ମିଳିଛି। ସେହିପରି ବ୍ରହ୍ମପୁରରେ ମଧ ରବିବାର ୩୩ ମିମି ବର୍ଷା ହୋଇଥିବାବେଳେ ସୋମବାର ପ୍ରାୟ ୭୬ ମିମି ବର୍ଷା ହୋଇଥିବା ଜଣାପଡିଛି। ତେବେ ମଙ୍ଗଳବାର ବି ବର୍ଷା ଜାରି ରହିବ ବୋଲି କୁହାଯାଇଥିବାବେଳେ ଗଞ୍ଜାମ ଜିଲାକୁ ରେଡ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ଗୋପାଳପୁର ବନ୍ଦରକୁ ୩ ନମ୍ବର ବିପଦ ସଙ୍କେତ



ଗୋପାଳପୁର,୯।୯(ନବୀନ ରାଜ ଆଚାରୀ)

ଲଘୁଚାପ ପ୍ରଭାବରେ ଜିଲାର ବିଭିନ୍ନ ସ୍ଥାନରେ ରବିବାର ରାତିରୁ ସୋମବାର ମଧ୍ୟାହ୍ନ ଯାଏ ବର୍ଷା ଜାରି ରହିବା ସହ ପବନ ବହୁଥିଲା। ସୋମବାର ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଥିଲା। ଅପରାହ୍ନରେ ପାଗ ଶୁଖିଲା ଥିଲା। ପାଣିପାଗ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାକୁ ରେଡ ୱାର୍ନିଂ ଜାରି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୮୭.୨ ମିମି ବର୍ଷା ହୋଇଥିବା ନେଇ ରେକର୍ଡ କରାଯାଇଛି। ଗୋପାଳପୁର ବନ୍ଦରକୁ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ସମୁଦ୍ର ଅଶାନ୍ତ ରହିଥିବାରୁ ମଙ୍ଗଳବାର ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ପର୍ଯ୍ୟଟକଙ୍କୁ ବେଳାଭୂମି ବାରଣ ସତ୍ତ୍ୱେ ସୋମବାର ସକାଳେ କେତେଜଣ ଅମାନିଆ ପର୍ଯ୍ୟଟକ ଗୋପାଳପୁର ବେଳାଭୂମିରେ ଗାଧୋଉଥିବା ଦେଖିବାକୁ ମିଳିଥିଲା।

## ଲଗାଣ ବର୍ଷାରେ ଧୋଇଗଲା ରାସ୍ତା


ଲଗାଣ ବର୍ଷାରେ ଧୋଇଯାଇଛି ରାସ୍ତା।

ଦିଗପହଣ୍ଡି/ପାଟପୁର,୯।୯(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ଲଗାଣ ବର୍ଷା ପ୍ରଭାବରେ ସାନଖେମୁଣ୍ଡି ବ୍ଲକ ଖୋଲଡି – ନୂଆଗଡ଼ ଏବଂ ମଳାଭଞ୍ଜା ଗ୍ରାମକୁ ସଂଯୋଗ କରୁଥିବା ଅସ୍ଥାୟୀ ଡାଇଭର୍ସନ ରାସ୍ତାଟି ସମ୍ପୂର୍ଣ୍ଣ ଧୋଇ ଯାଇଛି। ରାସ୍ତାରେ ବ୍ରିଜ କାମ ଚାଲିଥିବା ବେଳେ ଠିକାଦାର ଲୋକଙ୍କ ଯାତାୟାତ ପାଇଁ ଡାଇଭର୍ସନ ରାସ୍ତାଟି ନିର୍ମାଣ କରିଥିଲେ। ଗତ ୨ ଦିନ ହେଲା ଲଗାଣ ବର୍ଷା ପ୍ରଭାବରେ ବ୍ରିଜର ଉପରମୁଣ୍ଡରେ ଥିବା ଘୁଷୁରୀ ନାଳର ଜଳସ୍ତର ବୃଦ୍ଧି ପାଇବାରୁ ପ୍ରଖର ସ୍ରୋତରେ ପାଣି ଆସି ରାସ୍ତାଟି ଧୋଇଯାଇଛି। ଲୋକେ ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ରାସ୍ତା ଦେଇ ଯାତାୟାତ କରୁଛନ୍ତି। ବ୍ରିଜ କାମ କରୁଥିବା ଗ୍ରାମ ଉନ୍ନୟନ ବିଭାଗ କିମ୍ବା ଠିକା ସଂସ୍ଥା ବିପଦପୂର୍ଣ୍ଣ ରାସ୍ତା ସମ୍ପର୍କରେ କୌଣସି ସୂଚନା ଫଳକ କିମ୍ବା ରେଡିୟମ ଯୋଗେ ସତର୍କ ସୂଚନା ବୋର୍ଡ ଲଗାଇ ନଥିବା ଜଣାପଡ଼ିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସଂକ୍ଷେପରେ

### ତାଲାବନ୍ଦ ଘରୁ ସୁନା, ଟଙ୍କା ନେଇଗଲେ

ବ୍ରହ୍ମପୁର,୯।୯ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ବଡସାହିରେ ଏକ ତାଲାବନ୍ଦ ଘରେ କଳାକାନା ବୁଲାଇଛନ୍ତି ଚୋର ଗ୍ୟାଙ୍ଗ। ଜଣେ ମହିଳାଙ୍କ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ବଡସାହିରେ ରହୁଥିବା ସିଏଚ ମୋହିନୀ ଓ ତାଙ୍କ ପରିବାର ଲୋକେ କୌଣସି କାମରେ ଘରେ ତାଲା ପକାଇ ବାହାରକୁ ଯାଇଥିଲେ। ଦିନକ ପରେ ସେ ଘରକୁ ଫେରିବାରେ ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘର ଭିତରେ ଥିବା ଜିନିଷପତ୍ର ଫିଙ୍ଗା ଫୋପାଡା ହୋଇ ଆଲମୀରା ଖୋଲା ରହିଥିଲା। ସେଥିରେ ଥିବା ସୁନା ଚୁଡ଼ି, ସୁନା ଚେନ ସନା ମୁଦି ଗାୟବ ଥିଲା।ଏ ନେଇ ମୋହିନୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

### ଭାଜପା ପକ୍ଷରୁ ସଂଗଠନ ପର୍ବ, ସଦସ୍ୟତା ଅଭିଯାନ

ବୁଗୁଡ଼ା,୯।୯(କାଳିଚରଣ ଦାଶ)

ବୁଗୁଡ଼ା ସହରର ସ୍ଥିତ ସଙ୍ଗମ କଲ୍ୟାଣ ମଣ୍ଡପଠାରେ ଭାଜପା ପକ୍ଷରୁ ସୋମମବାର ଏକ ସଂଗଠନ ପର୍ବ ଓ ସଦସ୍ୟତା ଅଭିଯାନ ବୈଠକ ନଗର ସଭାପତି କେଦାରନାଥ ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ଭାଜପା କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିବା ସହିତ ଭାଜପାର ସଦସ୍ୟତା ବୃଦ୍ଧି କରିବା ପାଇଁ ନିବେଦନ କରିଥିଲେ। ଏହାସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇ ଏହାର ଫାଇଦା ନେବାପାଇଁ ମନ୍ତ୍ରୀ ମଲିକ ପ୍ରକାଶ କରିବା ସହିତ ଜିଲା କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଜିଲା ସଭାପତି ବିଜୟ କୁମାର ସ୍ୱାଇଁ, ସମ୍ପାଦକ ନିଳମାଧବ ପାତ୍ର, ଉପସଭାପତି ରଞ୍ଜନ କୁମାର ରାଉତ, ରାଜ୍ୟ ମହିଳା ମୋର୍ଚ୍ଚା ସଂଯୋଜକ ଜୟନ୍ତୀ ପଢିଆରୀ, ଆରତୀ ଦେବୀ, ଆଇନଜୀବୀ ହର ପ୍ରସାଦ ଦାସ, ଗଙ୍ଗାଧର ନାୟକ, ହରି କୃଷ୍ଣ ସାହୁ, ନଗର ସଭାପତି କେଦାରନାଥ ମହାରଣା, ଯୁବ ମୋର୍ଚ୍ଚା ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ସନ୍ତୋଷ ବିଶ୍ୱାଳ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ଦିଲ୍ଲୀପ ପ୍ରଧାନ, ସୁଶାନ୍ତ କୁମାର ଡାକୁଆ, ସୁନୀଲ ପାଢ଼ୀ, ରବିନ୍ଦ୍ର ପରିଡ଼ା ଉପସ୍ଥିତ ଥିଲେ।

### ୭୯ ୟୁନିଟ ରକ୍ତ ସଂଗ୍ରହ

ଗଞ୍ଜାମ,୯।୯(ବିଦ୍ୟାଧର ସାହୁ)

ଗଞ୍ଜାମ ଅନ୍ତର୍ଗତ ପୁଇଁତଳା ଗ୍ରାମର ବାରିକି ସାହି ସ୍ଥିତ ସାଂସ୍କୃତିକ ଭବନ ପରିସରରେ ଗଣେଶ ପୂଜା ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ଏଭଳି କାର୍ଯ୍ୟ କରିବା ପାଇଁ ଉତ୍ସାହ ଯୋଗାଇଥିଲେ। ଓକିଲ କୈଳାଶ ପଲାଇଙ୍କ ସଭାପତିତ୍ୱରେ କାଉନସିଲର ମହାଲକ୍ଷ୍ମୀ ନାଏକ, ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ଯୁବ ନେତା ସୁଦାମ ଜେନା, ପୁଇଁତଳା ସାଂସ୍କୃତିକ ପରିଷଦ ସଭାପତି ହରିହର ବିଶ୍ୱାଳ, ସିମାଞ୍ଚଳ ବାରିକି, ଯୁବ ନେତା ଅକ୍ଷୟ ସ୍ୱାଇଁ, ଗ୍ରାସୀମ କମ୍ପାନୀର ୟୁନିଟ ହେଡ୍ ଅଜୟ ଗୁପ୍ତା, ସୁସ୍ମିତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାରର କର୍ମଚାରୀ ଉପସ୍ଥିତ ରହି ୭୯ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଚାରା ରୋପଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

### ନେଟ୍‌ୱର୍କ କାମ କରୁନି, ସୁଭଦ୍ରା ଯୋଜନା ପଞ୍ଜୀକରଣରେ ବାଧା

ଶେରଗଡ଼,୯।୯(ସୂର୍ଯ୍ୟ ନାରାୟଣଦାଶ)

ଶେରଗଡରେ ସୁଭଦ୍ରା ଯୋଜନାର ପଞ୍ଜୀକରଣରେ ସୋମବାର ନେଟ୍‌ୱର୍କ କାମ ନ କରିବାରୁ ବାଧା ସୃଷ୍ଟି ହୋଇଛି। ପଞ୍ଜୀକରଣ ପାଇଁ କେନ୍ଦ୍ରକୁ ଆସିଥିବା ମହିଳାମାନେ ହଇରାଣ ହୋଇଛନ୍ତି। ବିଶେଷ କରି ନେଟ୍ ଜୋନ ଓ ଆଧାର କେନ୍ଦ୍ରରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଏହି ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି।

## ଦକ୍ଷିଣ ଓଡ଼ିଶା ରେଳପଥ ବିକାଶ ଦାବିରେ ଗଣଧାରଣା



ଗଣଧାରଣାରେ ସାମିଲ ହୋଇଥିବା ବିଭିନ୍ନ ସଂଗଠନର କର୍ମକର୍ତ୍ତା।

ବ୍ରହ୍ମପୁର,୯।୯(ସ୍ମୃତି ରଞ୍ଜନ ମହାଲିକ)

ଦକ୍ଷିଣ ଓଡିଶା ରେଳ ପଥର ବିକାଶକୁ ନେଇ ସୋମବାର ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବ୍ରହ୍ମପୁର ରେଲୱେ ଷ୍ଟେସନ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଦକ୍ଷିଣ ଓଡିଶାର ଗଞ୍ଜାମ, ଗଜପତି, କନ୍ଧମାଳ ଓ ରାୟଗଡା ଜିଲାରେ ବହୁ ପ୍ରତିକ୍ଷୀତ ରେଳ ପ୍ରକଳ୍ପ ଗୁଡିକ ପ୍ରତି ଦୀର୍ଘ ବର୍ଷ ଧରି ବାରମ୍ବାର ଅବହେଳା କରାଚାଲିଛି। ଏପରିକି ରାଜ୍ୟର ସବୁଠାରୁ ପୁରାତନ ରେଲୱେ ଷ୍ଟେସନ ବ୍ରହ୍ମପୁର ଷ୍ଟେସନ ଯାତ୍ରୀ ଟ୍ରାଫିକ, ଫୁଟଫଲ ଓ ଆୟ କ୍ଷେତ୍ରରେ ଭୁବନେଶ୍ୱର ଏବଂ ପୁରୀ ଷ୍ଟେସନ ପରେ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଏଠାରେ ମଧ ଆବଶ୍ୟକୀୟ ମୌଳିକ ସୁବିଧା ନାହିଁ। ରାଜ୍ୟର ଛୋଟ ରେଲୱେ ଷ୍ଟେସନ ଗୁଡିକ ଆଧୁନିକ ସୁବିଧା ପାଇବାକୁ ଯାଉଥିବା ବେଳେ ଶତାବ୍ଦୀ ପୁରୁଣା ବ୍ରହ୍ମପୁର ଓ ଦକ୍ଷିଣ ଓଡିଶାର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଗୁଡିକ ଅବହେଳାର ସମ୍ମୁଖୀନ ହୋଇଛି ବୋଲି କମିଟି ଅଭିଯୋଗ କରିଛି। କମିଟିର ଦାବି ଗୁଡିକ ମଧ୍ୟରେ ନୂତନ ରେଳ ଲାଇନ କାମ ତୁରନ୍ତ ଆରମ୍ଭ, ବ୍ରହ୍ମପୁର ଷ୍ଟେସନରେ ଏକ କୋଚିଙ୍ଗ ଡିପୋ, ବ୍ରହ୍ମପୁରରେ ନୂତନ ରେଳ ଡିଭିଜନ, ଏବିଏସଏସ ଅଧୀନରେ ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ ଷ୍ଟେସନ, ୫ଓ ୬ ନଂ ପ୍ଲାଟଫର୍ମ ନିର୍ମାଣ ଓ ବ୍ରହ୍ମପୁରରୁ ଅହମ୍ମଦାବାଦ ଏବଂ ସୁରଟ ପର୍ଯ୍ୟନ୍ତ ଦୈନିକ ଟ୍ରେନ ପାଇଁ ଦାବି ହୋଇଛି। ଏହି ଗଣଧାରଣାରେ କମିଟିର ଆବାହକ ସରୋଜ ପଟ୍ଟନାୟକ, ଜିଲା ବିକାଶ ମଂଚର ରାଜେନ୍ଦ୍ର ପଣ୍ଡା, ସ୍ଥାୟୀ ବିକାଶ ଲକ୍ଷ୍ୟ ସଭାପତି ରବିନ୍ଦ୍ର ମିଶ୍ର, ସମାଜସେବୀ ରବି ନାରାୟଣ ରଥ, ସିରିନ ତମନା, ଓଡିଶା ବିକାଶ ଫୋରମର ପ୍ରିତିସ ପାଣିଗ୍ରାହୀ, ମାନବ ଅଧିକାର ସୁରକ୍ଷା ମଂଚର ଆବାହକ ଅବନୀ ଗୟା, ଫୋରମ ଫର ଗଞ୍ଜାମର ଇ ଟି ରାଓଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଦିଗପହଣ୍ଡିରେ ଠାକୁରାଣୀ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ

ଦିଗପହଣ୍ଡି,୯।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହରର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ୫୧ ତମ ଶାରଦୀୟ ଯାତ୍ରା ପାଇଁ ଅସ୍ଥାୟୀ ଯାତ୍ରାପୀଠରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ମା'ଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତବର୍ଷ ପୂର୍ବପ୍ରଚଳିତ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ମା'ଙ୍କ ମସ୍ତକରୁ ଆଜ୍ଞାମାଳ ଖସିଥିଲା। ଶୁଭଖୁଣ୍ଟିକୁ ବରିଷ୍ଠ ସେବାୟତ ସୋମନାଥ ପାତ୍ର ଉଠାଇବା ପରେ ନୃତ୍ୟ ଗୀତ ବାଦ୍ୟ ବାଜଣା ସହକାରେ ଶୋଭାଯାତ୍ରାରେ ଶୁଭଖୁଣ୍ଟିକୁ ମା'ଙ୍କ ପୀଠରୁ ବଜାର ସାହି ଦେଇ ବଜାର ଗାନ୍ଧୀ ଛକ ସ୍ଥିତ ଅସ୍ଥାୟୀ ଯାତ୍ରା ପୀଠକୁ ଅଣାଯାଇଥିଲା। ସେଠାରେ ପୁରୋହିତଙ୍କ ଦ୍ୱାରା ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଅକ୍ଟୋବର ୯ ରାତିରେ ମା' ବୁଢ଼ୀ ଠାକୁରାଣୀ ଅସ୍ଥାୟୀ ମଣ୍ଡପକୁ ବିଜେ କରିବା ପରେ ଯାତ୍ରା ଆରମ୍ଭ ହୋଇ ଅକ୍ଟୋବର ୧୫ରେ ସ୍ୱମନ୍ଦିର ପ୍ରତ୍ୟାଗମନ କରିବେ ବୋଲି ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଶୋଭାଯାତ୍ରାରେ ଯାତ୍ରା କମିଟି ସଭାପତି ବିକାଶ ପଶୁପାଳକ, ଉପ ସଭାପତି ଏ. ସାକିଲି, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ ସହ ସମ୍ପାଦକ ଦୀପକ କୁମାର ମିଶ୍ର, କୋଷାଧ୍ୟକ୍ଷ ଆଶିଷ କୁମାର ପଟ୍ଟନାୟକ ସହ କୋଷାଧ୍ୟକ୍ଷ କେ. ରାଜେନ୍ଦ୍ର, ଉପଦେଷ୍ଟା କୁରେଶୁ ମହାରଣା, ଅର୍ଦ୍ଧୁ. ଗୋବିନ୍ଦ, ଶିବଶଙ୍କର ମହାକୁଡ, ପ୍ରଦୀପ କୁମାର ପଣ୍ଡା, କେ. କୁନା, ରବୀନ୍ଦ୍ର ମାର୍ଥା, ନୀଳମାଧବ ଗୌଡ, ମୁଖ୍ୟ ପୁରୋହିତ ସନାତନ ରଥ ଏବଂ ମନ୍ଦିର ସେବାୟତ ଆଦିତ୍ୟ କୁମାର ପାତ୍ରଙ୍କ ସମେତ ଅନ୍ୟ ସେବାୟତ ବୃନ୍ଦ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ରେଲୱେ ଷ୍ଟେଶନକୁ ଡିଆର୍‌ଏମ୍‌ଙ୍କ ଗସ୍ତ

ବ୍ରହ୍ମପୁର,୯।୯(ସ୍ମୃତି ରଞ୍ଜନ ମହାଲିକ)

ଟାଟା ନଗରରୁ–ବ୍ରହ୍ମପୁର ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ନେଇ ଟ୍ରାୟଲ ରନ ସରିଥିବା ବେଳେ ଏହାର ରହଣି ସ୍ଥଳ ନେଇ ସୋମବାର ଖୋର୍ଦ୍ଧା ରୋଡ ଡିଆର୍‌ଏମ୍ ଏଚ ଏସ ବେଜୱା ବ୍ରହ୍ମପୁର ଗସ୍ତ କରି ତଦାରଖ କରିଛନ୍ତି। ସେ କହିଛନ୍ତି ଯେ, ଟ୍ରେନ ରହଣି ନେଇ ସ୍ଥାନ ଚିହ୍ନଟ କରାଯାଇଛି। ଆସନ୍ତା ୧୫ ତାରିଖରେ ଏହାର ଉଦଘାଟନୀ ହେବ। ଟ୍ରେନଟି ପ୍ରତିଦିନ ୪ ନଂ ପ୍ଲାଟଫର୍ମରେ ରହିବ। ସେଠାରେ ଟ୍ରେନରେ ସଫେଇ ନିମନ୍ତେ ଷ୍ଟେସନର ସାନିଟେସନ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏଥିସହ ବ୍ରହ୍ମପୁର ରେଲୱେ ଷ୍ଟେସନର ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଖୁବ ଶୀଘ୍ର ଅନ୍ୟ ଏକ କୋଠା ପାଇଁ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଷ୍ଟେସନ ସମ୍ମୁଖରେ ରହିଥିବା ପୁରୁଣା ଡିଜାଇନକୁ ରଖାଯାଇ ନୂତନ କୋଠା ନିର୍ମାଣ କରାଯିବ ବୋଲି କହିଛନ୍ତି। ଏଥିସହ ସେ ଷ୍ଟେସନର ପରିଷ୍କାର ପରିଚ୍ଛନତା, ନିର୍ମାଣଧୀନ ପାର୍କିଂ ସ୍ଥଳ ଓ ଯାତ୍ରୀଙ୍କ ନିମନ୍ତେ ଆନୁସଙ୍ଗିକ ସୁବିଧା ସଂପର୍କରେ ପଚାରି ବୁଝିଥିଲେ। ବ୍ରହ୍ମପୁରେ ରେଲୱେ ଷ୍ଟେସନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଟ୍ରେନରେ ୮ କୋଚ ରହିଛି। ୭ ବଗି ଶୀତତାପ ନିୟନ୍ତ୍ରିତ ଚେୟାର କାର ଓ ଗୋଟିଏ ବଗି ଆରାମଦାୟକ ଚେୟାର କାର ବର୍ଗର ରହିଛି। ଏଥିରେ ୫୫୬ ସିଟ ରହିଛି। ଟ୍ରେନଟି ଟାଟା ନଗରରୁ ଭୋର ୫ଟା ରେ ଛାଡି ବ୍ରହ୍ମପୁରରେ ଅପରାହ୍ନ ୨ଟା ୩୦ରେ ପହଂଚିବା ନେଇ ସମୟ ନିର୍ଦ୍ଧାରିତ ହୋଇଛି।

## କୃଷ୍ଣସାରଙ୍କ ସୁରକ୍ଷା ପାଇଁ ଆଲୋଚନା କଲେ ପିସିସିଏଫ୍

ଭଞ୍ଜନଗର,୯।୯(ବାବୁଲା ପ୍ରଧାନ)

ପିସିସିଏଫ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ୨ ଦିନିଆ ଭଞ୍ଜନଗର ଗସ୍ତରେ ଆସି ସୋମବାର ଭୁବନେଶ୍ୱର ଫେରିଯାଇଛନ୍ତି। ସେ ରବିବାର କାଳିଆମ୍ବା ଏବଂ ସାଲୁଆପଲ୍ଲୀ ଜଙ୍ଗଲ ବୁଲି ଦେଖିଥିଲେ। ସୋମବାର ବେଲଗୁଣ୍ଠା ବିଟର କେବିରି ବ୍ରହ୍ମପୁର ଅଞ୍ଚଳରେ ବୁଲୁଥିବା ଶତାଧିକ ବିରଳ କୃଷ୍ଣସାର ମୃଗଙ୍କୁ ଦେଖିଥିଲେ। କୃଷ୍ଣସାର କିଭଳି ସୁରକ୍ଷିତ ରହିପାରିବେ ସେ ନେଇ ବିଭାଗୀୟ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। କେତେଜଣ ପରିବେଶବିତ୍ ଉକ୍ତ ମୃଗ କିଛି ନେଇ ରାଜ୍ୟର ଅନ୍ୟ ଅଞ୍ଚଳରେ ଛାଡ଼ିବା ପାଇଁ ପ୍ରସ୍ତାବ ଦେଇଥିଲେ। ଫଳରେ ରାଜ୍ୟର ସମସ୍ତ ଅଞ୍ଚଳର ଜନସାଧାରଣ ପାଖରୁ ଏହି ମୃଗଙ୍କୁ ଦେଖିବାର ସୁଯୋଗ ପାଇବେ ବୋଲି କହିଥିଲେ। ପିସିସିଏଫଙ୍କ ଗସ୍ତ ସମୟରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ପରିବେଶବିତ୍ ଅନୁପମ ବାନାର୍ଜୀ, ଶୂଳପାଣି ଶତପଥୀ, ଅବସରପ୍ରାପ୍ତ ତହସିଲଦାର ପ୍ରମୋଦ ଦଳବେହେରା, ଭି ଏସ ଏସ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ, ରେଞ୍ଜର ବିଦ୍ୟାଧର ସାହୁ, ବନପାଳ ଶରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କୁକୁଡାଖଣ୍ଡିରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ


କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର, ୯।୯(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ପରିସରରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଉଭୟ ଦିଗପହଣ୍ଡି ଓ କୁକୁଡାଖଣ୍ଡି ବ୍ଲକ ପାଇଁ ଏହା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରୂପେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ। ମହିଳା ମାନେ ଯେପରି ସ୍ୱାବଲମ୍ବୀ ହୋଇ ନିଜର ଆର୍ଥିକ ବିକାଶ କରିପାରିବେ ସେନେଇ ଏହି ଯୋଜନାର ଲକ୍ଷ୍ୟ ରହିଛି। ନାରୀମାନେ ଆର୍ଥିକ ଓ ସାମାଜିକ ସ୍ତରରେ ଆଗେଇଲେ ବାସ୍ତବରେ ଭାରତ ଏକ ବିକଶିତ ରାଷ୍ଟ୍ର ହୋଇପାରିବ ବୋଲି କହିଛନ୍ତି ବିଧାୟକ । ସଚେତନତା ରଥ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ୱାର୍ଡ ବୁଲି ଲୋକଙ୍କୁ ସଚେତନ କରାଇବ । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାର କୌଣସି ସମୟ ସୀମା ରହିନଥିବା ବେଳେ ଶେଷ ହିତାଧିକାରୀ ଯାଏଁ ପଞ୍ଜୀକରଣ ଚାଲିବ। ତେଣୁ ଧୈର୍ଯ୍ୟର ସହ ଆବେଦନ କରିବାକୁ ବିଧାୟକ ନିବେଦନ କରିଥିଲେ। ସୁଭଦ୍ରା ଯୋଜନା ପଞ୍ଜିକରଣ କରିବା ସମୟରେ ଯୋଉଁ ସମସ୍ୟାଗୁଡିକ ରହିଛି ସେନେଇ ବିଡ଼ିଓ , ବିଧାୟକଙ୍କ ସହ ଆଲୋଚନା କରିଥିଲେ। ଜିଲାର ପୂର୍ବତନ ସମବାୟ ସଂଘ ସଭାପତି ସନାତନ ସଂଗ୍ରାମ ସିଂ, ବିଡ଼ିଓ ପଲ୍ଲବୀ ସ୍ୱାଇଁ, ବ୍ଲକ ଭାରପ୍ରାପ୍ତ ଅଧକ୍ଷା ବିଷ୍ଣୁପ୍ରିୟା ପାତ୍ର,ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳି ମିଶ୍ର, କୁକୁଡାଖଣ୍ଡି ସିଡିପିଓ କୁସୁମ ସାହୁ,ବିପିଏମ ସଞ୍ଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବିସର୍ଜନ ନକରି ପୋଖରୀ ତୁଠରେ ରଖିଦେଲେ

ବ୍ରହ୍ମପୁର,୯।୯(ସ୍ମୃତି ରଞ୍ଜନ ମହାଲିକ)


ବିଜିପୁର ପୋଖରୀ ତୁଠରେ ପଡି ରହିଥିବା ଗଜାନନଙ୍କ ମୂର୍ତ୍ତି।

ପାର୍ବଣ ସମୟରେ ଜଳାଶୟକୁ ସ୍ୱଚ୍ଛ ରଖିବା ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ୪ ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଛି। ଏଥିମଧ୍ୟରୁ ୨୮ ନଂ ୱାର୍ଡ ଅନ୍ତର୍ଗତ ଗୋସାଣୀ ନୂଆ ଗାଁ ଗୁଡସ ରୋଡ, ୪ ନଂ ୱାର୍ଡ ଆସିକା ରୋଡ, ୧୨ ନଂ ୱାର୍ଡ ମିନାକ୍ଷୀ ନଗର ଓ ୪୨ ନଂ ୱାର୍ଡ ବିବେକ ବିହାରଠାରେ ଅସ୍ଥାୟୀ ପୋଖରୀ ରହିଛି। ଅସ୍ଥାୟୀ ପୋଖରୀରେ ପଲିଥିନ ପକାଯାଇ ପାଣି ଭରି କରାଯାଇଛି। ଏଥିରେ ବ୍ଲିଚିଂ ମଧ ପକାଯାଇଛି। ଅସ୍ଥାୟୀ ପୋଖରୀ ନିକଟରେ ଏକ ଡ୍ରୋଜର ରହିଛି। ଯାହା ମାଧ୍ୟମରେ ମୂର୍ତ୍ତି ଗୁଡିକୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଉଛି। ଏଥିରେ ସମସ୍ତ ପୂଜା ମଣ୍ଡପର ମୂର୍ତ୍ତି ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯିବା ନେଇ ନିଗମ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଗଣେଶ ପୂଜା ସରିଥିବା ବେଳେ ମୂର୍ତ୍ତି ବିସର୍ଜନ ଆରମ୍ଭ ହୋଇଛି। ତେବେ ଅସ୍ଥାୟୀ ପୋଖରୀ ପରିବର୍ତ୍ତେ ବିଭିନ୍ନ ସାହିରେ ରହିଥିବା ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଉଥିବା ଦେଖିବାକୁ ମିଳିଛି। ଯାହାଦ୍ୱାରା ପୂଜା ସାମଗ୍ରୀ ଗୁଡିକ ପୋଖରୀ ମଧ୍ୟରେ ପଡି ରହି ସ୍ଥାନୀୟ ବାସିନ୍ଦାଙ୍କ ନିତ୍ୟକର୍ମ କ୍ଷେତ୍ରରେ ସମସ୍ୟା ପାଲଟିଛି। ସାହିରେ ରହିଥିବା ପୋଖରୀ ଗୁଡିକରେ ମୂର୍ତ୍ତି ବିସର୍ଜନ ନ କରିବା ପାଇଁ ବିଏମସି ପକ୍ଷରୁ ସଚେତନ କରାଯାଇଥିଲା। କିନ୍ତୁ ବିଏମସିର କୋହଳ ନୀତି କାରଣରୁ ୱାର୍ଡ ପୋଖରୀ ଗୁଡିକରେ ମୂର୍ତ୍ତି ବିସର୍ଜନ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଭାବେ ୨୫ ନଂ ୱାର୍ଡ ଅନ୍ତର୍ଗତ ବିଜିପୁର ପୋଖରୀରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ତେବେ ଏସଏଚଜି ସଂଗଠନର ବାରଣ ଯୋଗୁ ସକାଳେ ଆସିଥିବା ମୂର୍ତ୍ତିଗୁଡିକ ବିସର୍ଜନ ନକରି ପୋଖରୀ ତୁଠରେ ରଖି ଦିଆଯାଇଥିବାବେଳେ ସନ୍ଧ୍ୟାରେ କେତେକ ମୂର୍ତ୍ତି ବିସର୍ଜିତ ହୋଇଥିବା ଦେଖିବାକୁ ମିଳିଛି। ୨୦ରୁ ଊର୍ଦ୍ଧ୍ୱ ଗଣେଶ ମୂର୍ତ୍ତି ପୋଖରୀ ତୁଠରେ ପଡି ରହିଛି। ଯାହାକି ସହରବାସୀଙ୍କ ଧାର୍ମିକ ଭାବନାକୁ ଆଘାତ ଦେଇଛି। ନିଗମ ପକ୍ଷରୁ ପୋଖରୀ ତୁଠରେ ଏସଏଚଜି ସଦସ୍ୟାଙ୍କୁ ନିୟୋଜିତ କରାଯାଇ ମୂର୍ତ୍ତି ବିସର୍ଜନ ନ କରିବା ପାଇଁ ସଚେତନ କରାଯାଉଛି। ତଥାପି ପୋଖରୀରେ ମୂର୍ତ୍ତି ବିସର୍ଜିତ ହେଉଛି। ତୁଠରେ ଥିବା ମୂର୍ତ୍ତି ଗୁଡିକ ବିସର୍ଜନ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଯାହାଦ୍ୱାରା ଆଗକୁ ବଡ ଭସାଣୀ ସମୟରେ ପୋଖରୀ ପାଣି ସଂପୂର୍ଣ୍ଣ ଦୂଷିତ ହେବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଆଗକୁ ବିଶ୍ୱକର୍ମା ପୂଜା ସାଙ୍ଗକୁ ଦଶହରା ପୂଜା ମଧ୍ୟ ରହିଛି। ଏବେଠାରୁ ଯଦି ଏଭଳି ବ୍ୟତିକ୍ରମ ହୁଏ ତେବେ ମୂର୍ତ୍ତି ବିସର୍ଜିତ ହେବ ଓ ପାଣି ଦୂଷିତ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଣୁ ତୁଠରେ ପଡି ରହିଥିବା ମୂର୍ତ୍ତି ଗୁଡିକୁ ଅସ୍ଥାୟୀ ପୋଖରୀରେ ବିସର୍ଜନ କରିବା ପାଇଁ ଦାବି ହୋଇଛି।

## ସାପ କାମୁଡ଼ାରେ ସାମାଜିକ କର୍ମୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୯।୯(ଗିରିଧାରୀ ପରିଛା): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଉତ୍ତରସେଲୀ ଗ୍ରାମରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ନରେନ୍ଦ୍ର ଦାସ (୪୩)। ସେ ମଧରାତିରେ ନିଜ ବାସଭବନରେ ଶୋଇଥିବା ବେଳେ କୌଣସି ଏକ ସାପ କାମୁଡି ଦେଇଥିଲା। ସ୍ୱାମୀ ସ୍ତ୍ରୀ ଘରସାରା ଖୋଜାଖୋଜି କରିଥିଲେ ବି ସାପ ନ ମିଳିବାରୁ ନରେନ୍ଦ୍ର ପାଣି ପିଇ ଶୋଇପଡିଥିଲେ। ୨ ଘଣ୍ଟା ପରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁରସ୍ଥିତ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ନରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି । ବ୍ରହ୍ମପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯାଇ ତାଙ୍କର ଅନ୍ତେଷ୍ଟିକ୍ରିୟା କରାଯାଇଛି ।

## ଦୁବାଇରେ ଗଞ୍ଜାମ ଶ୍ରମିକ ମୃତ

ପାତ୍ରପୁର,୯।୯(ଉମା ଚରଣ ନେପାକ): ପାତ୍ରପୁର ବ୍ଲକର ଜଣେ ଆଦିବାସୀ ଶ୍ରମିକଙ୍କ ଦୁବାଇରେ ମୃତ୍ୟୁ ଘଟିଛି। ସେ ହେଲେ ବୁରାତାଲ ପଞ୍ଚାୟତ ହରଡାପାଟୁ ନୂଆଁସାହି ଗ୍ରାମର ଟୁନା ନାୟକ। ଟୁନା ୩ ମାସ ପୂର୍ବେ ଦୁବାଇ ଯାଇ ଏକ କମ୍ପାନୀରେ କାମ କରୁଥିଲେ। ରବିବାର କାମ କରି ସେଠାରେ ରହୁଥିବା ଘରକୁ ଫେରିଥିଲେ। ଭୋରରେ ଅସୁସ୍ଥ ହେବାରୁ ସାଙ୍ଗମାନେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଟୁନାଙ୍କ ମୃତ୍ୟୁ ଘଟିଛି। ଏହି ଖବର ପହଞ୍ଚିବା ପରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ପ୍ରଶାସନ ମୃତଦେହ ଆଣିବା ପାଇଁ ବ୍ୟବସ୍ଥା କରି ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

## କାନ୍ଥ ଭୁଶୁଡ଼ି ନାବାଳିକା ଗୁରୁତର

ଦିଗପହଣ୍ଡି/ପାଟପୁର,୯।୯(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)–ଲଗାଣ ବର୍ଷା ପ୍ରଭାବରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ସାହସପୁର ପଞ୍ଚାୟତ ତିତିଖଣ୍ଡି ଗ୍ରାମରେ ସୋମବାର ଅପରାହ୍ନରେ ବି.ଭୀମଙ୍କ ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ତାଙ୍କ ନାତୁଣୀ କେ. ଶିଳ୍ପା (୧୩) ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ମାଟି ତଳୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। କେ. ଶିଳ୍ପା ଅଜା ଘରେ ରହି ପଢୁଛନ୍ତି। ସୋମବାର ଦିନସାରା ମୁଷଳ ଧାରାରେ ବର୍ଷା ଲାଗି ରହିଥିଲା। ଅପରାହ୍ନରେ ଘରେ ଖାଇ ବସିଥିବା ବେଳେ ମାଟିକାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ସେ ମାଟି ତଳେ ଚାପି ହୋଇ ପାଟି କରିଥିଲେ। ପାଟି ଶୁଣି ପରିବାର ଲୋକେ ସାହି ପଡୋଶୀଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ପରିବାର ଲୋକେ କହିଛନ୍ତି।

## ଯୁବ ସଙ୍ଗଠକଙ୍କ ପରଲୋକ

ଆସିକା,୯।୯(ସୁରେନ୍ଦ୍ର ନାଥ ସାହୁ): ଆସିକା ଏନ୍ଏସି ପାକଲାପଲ୍ଲୀ ଗ୍ରାମର ଯୁବ ସଙ୍ଗଠକ ଲଲାଟେନ୍ଦୁ ପରିଡା(୩୯)ଙ୍କ ରବିବାର ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁ ଖବର ପାଇ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଲଲାଟେନ୍ଦୁ ଆସିକାସ୍ଥିତ ଉତ୍କଳ ଆୟୁର୍ବେଦିକ ସମବାୟ ଫାର୍ମାସୀ ପରିଚାଳନା ପରିଷଦର ଜଣେ ସଦସ୍ୟ ଏବଂ ଏମ୍‌ପି.ସିଏସ୍‌ର ପୂର୍ବତନ ପରିଚାଳନା ସଦସ୍ୟ ଥିଲେ। ଏହାଛଡା ସେ ଘରୋଇ ବସ୍ ମାଲିକ ସଂଘର ଜଣେ ସକ୍ରୀୟ ସଦସ୍ୟ ଓ ଆସିକା ବସଷ୍ଟାଣ୍ଡ ବସ ମାଲିକ ସଂଘର ସମ୍ପାଦକ ଥିଲେ।

## ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ରମ୍ଭା,୯।୯(ବନବାସୀ ସେଠୀ)–ଗଞ୍ଜାମ ବ୍ଲକ ସନ୍ତୋଷପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରଠାରେ ଓଡ଼ିଶା ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ରର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଗଞ୍ଜାମ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାମ୍ବାଦିକ ସଂଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଓ ବିଚାରପତି ଭାବେ ନୃତ୍ୟ ପ୍ରଶିକ୍ଷକ ସୁଦର୍ଶନ ପାଢୀ, ସାହିତ୍ୟିକ ବସନ୍ତ ଶାସମଲ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ୧୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଦ୍ୟାମନ୍ଦିର ପ୍ରତିଷ୍ଠାତା ବଟକୃଷ୍ଣ ତ୍ରିପାଠୀ ପରିଚାଳନା କରିଥିଲେ। ଆଚାର୍ଯ୍ୟ ରବୀନ୍ଦ୍ର ସ୍ୱାଇଁ,ସଞ୍ଜୟ ବେହେରା, ମିନାକ୍ଷୀ ପଲେଇ, ପ୍ରୀତିରାଣୀ ଗୌଡ଼, ମୋନାଲିସା ଗୌଡ଼ ସହଯୋଗ କରିଥିଲେ। ଉପ ପ୍ରଧାନାଚାର୍ଯ୍ୟା ଅପରାଜିତା ରଥ ଧନ୍ୟବାଦ ଦେଇଥିଲେ।

# ସହରର ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ପାରଳାଖେମୁଣ୍ଡି,୮।୯(ଗିରିଧାରୀ ପରିଛା)

ଗଜପତି ସଦର ମହକୁମା ପାରଳାଖେମୁଣ୍ଡି ସହରର ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପାରଳାଖେମୁଣ୍ଡି ପୌରପାଳିକା ଓଡ଼ିଶାର ଦ୍ୱିତୀୟ ସର୍ବପୁରାତନ ପୌରପାଳିକା। ୧୬ଟି ୱାର୍ଡର ୧୫୦ରୁ ଊର୍ଦ୍ଧ୍ୱ ସାହିକୁ ନେଇ ଗଠିତ ଏହି ପୌରପାଳିକାର ଜନସଂଖ୍ୟା ପାଖାପାଖି ଏକ ଲକ୍ଷ ହେବ। ପାରଳାର ଜନସାଧାରଣ କିଭଳି ସୁବିଧାରେ ଜୀବନଯାପନ କରିବା ସହ କୃଷି, ଶିକ୍ଷା, ଗମନାଗମନର ବିକାଶ କ୍ଷେତ୍ରରେ ପାରଳା ରାଜପରିବାର ଦ୍ୱାରା ପୂର୍ବରୁ ସୁଚିନ୍ତିତ ଭାବେ ସହରର ସମସ୍ତ ପ୍ରକାର



ବ୍ୟବସ୍ଥା କରାଯାଇଥିଲା। ସେଥିମଧ୍ୟରେ ସହରରେ ଜଳ ଯୋଗାଣ ଓ ଡ୍ରେନେଜ ମାଧ୍ୟମରେ ଜଳନିଷ୍କାସନ ବ୍ୟବସ୍ଥା ରହିଥିଲା। ଏହାକୁ ଅନୁସରଣ କରା ନ ଯିବାରୁ ଏବେ ପରିସ୍ଥିତି ସମ୍ପୂର୍ଣ୍ଣରୂପେ ବଦଳିଯାଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ପାରଳାଖେମୁଣ୍ଡି ସହରର ବିକାଶ ଲାଗି କୋଟିକୋଟି ଟଙ୍କା ଅନୁଦାନ ଆସୁଥିବା ବେଳେ ପଦାଧିକାରୀମାନେ ଉପଯୁକ୍ତ ଯୋଜନା କରି ସହରର ନିହାତି ଆବଶ୍ୟକତା ଅନୁଯାୟୀ ଏହି ଅର୍ଥକୁ ବିନିଯୋଗ କରିବା ପରିବର୍ତ୍ତେ ବିଭିନ୍ନ ଅନାବଶ୍ୟକ ସ୍ଥାନରେ ଅର୍ଥ ବିନିଯୋଗ କରୁଥିବା ଅଭିଯୋଗ ହେଉଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଅବା କେତେ ଜଣ ଅଧିକାରୀଙ୍କ ଦାୟିତ୍ୱହୀନତା ହେତୁ ପାରଳାଖେମୁଣ୍ଡି ସହରର ବିକାଶରେ ବାଧକ ସାଜୁଛି। ସହରର ୫୦ ପ୍ରତିଶତ ଡ୍ରେନେଜ ମାଟି ଦ୍ୱାରା ପୋତିହୋଇ ରହିଛି ତ ଆଉ କେଉଁଠି ନୂତନ ଡ୍ରେନେଜ ତିଆରି ନାମରେ ନାଳକୁ ସଙ୍କୁଚିତ କରି ନିମ୍ନମାନର କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବହୁ ସ୍ଥାନରେ ଡ୍ରେନରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାପାର୍ଶ୍ୱରେ ଜମାହୋଇ ରହୁଛି। ଯଦି ଏଭଳି ସ୍ଥିତି ଜାରି ରହେ ଖୁବ କମ ଦିନରେ ଲୋକେ ଡେଙ୍ଗୁ, ମ୍ୟାଲେରିଆ ପରି ରୋଗରେ ପୀଡିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବା ପାଇଁ ତାଙ୍କ ଫୋନ ନଂ. ୯୪୩୭୪ ୩୪୯୬୯ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ତରୁଣ ଚିତ୍ରଶିଳ୍ପୀ ପ୍ରସାଦଙ୍କୁ ପ୍ରଧାନମନ୍ତ୍ରୀଙ୍କ ଚିଠି

ଫୁଲବାଣୀ, ୯।୯(ରାକେଶ କୁମାର ରାଉତ)

ଗତ ମେ ୧୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କନ୍ଧମାଳ ଷ୍ଟାଡିୟମ ଆସି ନିର୍ବାଚନ ପ୍ରଚାର କରିଥିଲେ। ଏହି ସମୟରେ ଫୁଲବାଣୀର ତରୁଣ ଚିତ୍ରକାର ପ୍ରସାଦ ସୋନୁ ପ୍ରଧାନମନ୍ତ୍ରୀ ଏବଂ ରାମଲାଲାଙ୍କ ଫଟୋଚିତ୍ର ଦେଇଥିଲେ। ସଭା ମଞ୍ଚରୁ ମୋଦି ଫଟୋ ଦେଖିବା ପରେ ନିଜ ସୁରକ୍ଷା କର୍ମୀମାନଙ୍କ ଜରିଆରେ ଚିତ୍ରଟିକୁ ଗ୍ରହଣ କରିଥିଲେ। ଦୀର୍ଘଦିନ ପରେ ମୋଦି ଏହା ଉପରେ ଏକ ଚିଠି ପ୍ରସାଦଙ୍କୁ ପଠାଇଛନ୍ତି।

ପ୍ରଧାନମନ୍ତ୍ରୀ ଚିଠିରେ ପ୍ରସାଦଙ୍କ ଚିତ୍ରକଳାକୁ ପ୍ରଶଂସା କରିବା ସହିତ ଶ୍ରୀଜଗନ୍ନାଥଙ୍କ ମହିମାରେ ଓଡ଼ିଶା ସମେତ ସମଗ୍ର ଭାରତ ଉନ୍ନତି ଦିଗରେ ଆଗକୁ ଯାଉଛି ବୋଲି ଉଲ୍ଲେଖ କରିଛନ୍ତି। ଏଥି ସହିତ ପ୍ରସାଦଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହା ଜାଣିବା ପରେ ପ୍ରସାଦଙ୍କ ପିତା ପ୍ରଶାନ୍ତ କୁମାର ବେହେରା ଏବଂ ମାତା ରଞ୍ଜିତା ବେହେରା ଓ ତାଙ୍କ ପରିବାର ବନ୍ଧୁବାନ୍ଧବଙ୍କ ନିକଟରୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରସାଦ ପିଲାଟି ଦିନରୁ ହିଁ ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇ ନିଜେ ନିଜ ପ୍ରଚେଷ୍ଟାରେ ବିଭିନ୍ନ ପ୍ରକାରର ଚିତ୍ର ତିଆରି କରିଥିଲେ ; ଯାହାକି ତାଙ୍କ ପିତାଙ୍କୁ ଆକର୍ଷିତ କରିଥିଲା। ସେ ପୁଅକୁ ଏହି ଦିଗରେ ସମସ୍ତ ସହାୟତା କରିଥିଲେ। ପ୍ରସାଦ ଏଥିପୂର୍ବରୁ କନ୍ଧମାଳ ଜିଲାପାଳମାନଙ୍କୁ ସେମାନଙ୍କର ଚିତ୍ର ଆଙ୍କି ଉପହାର ଦେଇଛନ୍ତି । ସେଥିପାଇଁ ଅନେକ ପ୍ରଶଂସା ମଧ୍ୟ ପାଇଛନ୍ତି । ଆଗକୁ ସେ ଜଣେ ଭଲ ଚିତ୍ରକର ଭାବରେ ନିଜକୁ ପ୍ରସ୍ତୁତ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ପାରଳାଖେମୁଣ୍ଡି ବିଧାୟକଙ୍କ ନେତୃତ୍ୱରେ ମୃତକଙ୍କ ପରିବାରକୁ ଭେଟିଲା ବିଜେଡି ଟିମ୍

### ଚିକିଟି ବିଷାକ୍ତ ମଦମୃତ୍ୟୁ ମାମଲା

ଚିକିଟି,୯।୯(ପ୍ରକାଶ ଚନ୍ଦ୍ର ସାହୁ)

ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ସୋମବାର ବିଜେଡିର ଏକ ଟିମ୍ ଗଞ୍ଜାମ ଜିଲ୍ଲା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଜେନାପୁର ଓ କରବାଲୁଆ ଗ୍ରାମ ପରିଦର୍ଶନ କରିଛନ୍ତି। ଏହି ସମୟରେ ଟିମ୍ ବିଷାକ୍ତ ମଦପିଇ ମୃତ୍ୟୁ ଘଟିଥିବା ୫ ମୃତକଙ୍କ ପରିବାରକୁ ଭେଟି ବିଧାୟକ ପାଣିଗ୍ରାହୀଙ୍କ ସମେତ ଅନ୍ୟ ପ୍ରତିନିଧିମାନେ ସମବେଦନା ଜଣାଇଛନ୍ତି। ଟିମ୍ ସମ୍ପୃକ୍ତ ପରିବାର ଲୋକଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଘଟଣାକୁ ୨୦ ଦିନ ବିତିଯାଇଥିଲେ ସୁଦ୍ଧା ସରକାରୀ ଆର୍ଥିକ ସହାୟତା ମିଳି ନ ଥିବା ନେଇ ପରିବାର ଲୋକେ ଜଣାଇଥିଲେ। ଏନେଇ ସରକାରଙ୍କ ନିକଟରେ ଦାବି ଜଣାଇବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ ଚିକିଟିଗଡସ୍ଥିତ ପୂର୍ବତନ ମନ୍ତ୍ରୀ ଉଷାଦେବୀଙ୍କ ରାଜପ୍ରାସାଦରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରତିନିଧି ଟିମ୍ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଚିକିଟି ଅଞ୍ଚଳରେ ବିଷାକ୍ତ ମଦ ପିଇ ୫ ଜଣ ମୃତ୍ୟୁବରଣ କରିବା ଘଟଣାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ୧୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ



ରିମାଣ୍ଡରେ ଆଣି ଉପଯୁକ୍ତ ତଦନ୍ତ କରିଥିଲେ ମୃତ୍ୟୁସଂଖ୍ୟା ୨ରୁ ୫ ହୋଇ ନ ଥାନ୍ତା ବୋଲି କହିଛନ୍ତି। ସରକାରଙ୍କ ତଦନ୍ତରେ ଅବହେଳା ଯୋଗୁ ଏଭଳି ଘଟିଲା ବୋଲି ଖବରଦାତା ସମ୍ମିଳନୀରେ ଥିବା ଭୃଗୁ ବକ୍ସିପାତ୍ର ଅଭିଯୋଗ କରିଥିଲେ। ଘଟଣା ଘଟିବାର ୨୦ ଦିନ ବିତିଯାଇଥିଲେ ସୁଦ୍ଧା ଚିକିଟି ବିଧାୟକଙ୍କ ଦେଖାନାହିଁ । ଏପର୍ଯ୍ୟନ୍ତ ସରକାରଙ୍କ ଆର୍ଥିକ ସହାୟତା ମୃତକଙ୍କ ପରିବାରକୁ ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ସେ କହିଥିଲେ। ବିଧାୟକ ପାଣିଗ୍ରାହୀ ଚିକିଟି ମଦମୃତ୍ୟୁ ନେଇ ବିଧାନସଭାରେ ସ୍ୱର ଉଠାଇବେ ବୋଲି କହିଥିଲେ। ବିଜେଡି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଉଷାଦେବୀ, ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ବରିଷ୍ଠ ନେତା ସୁରେନ୍ଦ୍ର ମଣ୍ଡଳ, ଉଦୟନାଥ ପ୍ରଧାନ, ଏନଏସି ଅଧକ୍ଷା ଦୀପା କୁମାରୀ ସାହୁ, ବ୍ଲକ ଅଧକ୍ଷ ଆପନା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଅସ୍ୱୀକାର କରିବା ସହ ଦୀର୍ଘ ୨୪ ବର୍ଷ ମଧ୍ୟରେ ଚିକିଟି ନିର୍ବାଚନମଣ୍ଡଳୀର କିଛି ନେତାଙ୍କ ପ୍ରରୋଚନାରେ ଚୋରା ମଦ କାରବାର ଚାଲିଥିଲା। ଫଳରେ ବିଗତ ଦିନରେ ଚିକିଟି ପେଣ୍ଠ ମାଉଦପୁର ଗ୍ରାମରେ ବିଷାକ୍ତ ମଦମୃତ୍ୟୁ ପରି ଘଟଣା ଘଟିଥିଲା। ବର୍ତ୍ତମାନ ବିଷାକ୍ତ ମଦପିଇ ୫ ଜଣ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ଦେବାକୁ ସରକାରଙ୍କୁ ଜଣାଇଛି। ନିୟମ ଅନୁଯାୟୀ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ୪୮ଜଣଙ୍କ ଚକ୍ଷୁ ପରୀକ୍ଷା

ଆସିକା,୯।୯ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ବାବନପୁରସ୍ଥିତ ବଡସାହି ମାନସ ମଣ୍ଡପ ଗଣେଶ ପୂଜା କମିଟି ପକ୍ଷରୁ ସୋମବାର ଚକ୍ଷୁ ପରୀକ୍ଷା ଶିବିର ହୋଇଥିଲା । ଏଥିରେ ୪୮ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସେଥିମଧ୍ୟରୁ ୪ଜଣଙ୍କୁ ମାଗଣାରେ ଅପରେଶନ ଲାଗି ଚିହ୍ନଟ କରାଯାଇଥିଲା । ବ୍ରହ୍ମପୁର ଇସରତ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଚକ୍ଷୁ ପରୀକ୍ଷା କରିଥିଲେ । ସାମାଜିକ କର୍ମୀ କାହ୍ନା ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାବନପୁର ସରପଞ୍ଚ ସଞ୍ଜୟ କୁମାର ନାୟକ, କଂଗ୍ରେସ ନେତା ଦେବକାନ୍ତ ଶର୍ମା, ସାମାଜିକ କର୍ମୀ ସୁନୀଲ ନାୟକ, ସାଗର ସାବତ ପ୍ରମୁଖ ଯୋଗଦେଇ ଯୁବକମାନଙ୍କ ଏଭଳି କାର୍ଯ୍ୟ ଲାଗି ଉତ୍ସାହିତ କରିଥିଲେ। ଦିଲ୍ଲୀପ ନାୟକ, ସୁନିଲ କୁମାର ସାହୁ, କୃଷ୍ଣ ଖଣ୍ଡୁଆଳ, ଗଙ୍ଗା ପଣ୍ଡା, ଘନଶ୍ୟାମ ନାୟକ, ସୋନୁ ମହାରଣା, ଜଗନ ସାହୁ, ଗୋବିନ୍ଦ ଜେନା, ଲକ୍ଷ୍ମଣ ପ୍ରଧାନ, ଶ୍ୟାମ ପଣ୍ଡା, କୈଳାସ ନାୟକ, ରାହୁଲ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ସମୁଦ୍ର ଅଶାନ୍ତ, ହାତବାନ୍ଧି ବସିଛନ୍ତି ମତ୍ସ୍ୟଜୀବୀ

### ଗଛ ପଡ଼ି ରାସ୍ତା ଅବରୋଧ




ଛତ୍ରପୁର,୯।୯(ଦିଲ୍ଲୀପ ସାମଲ): ଲଘୁଚାପ ଯୋଗୁ ୨ ଦିନ ହେଲା ସମୁଦ୍ର ଅଶାନ୍ତ ରହିଛି। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ତେଣୁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ମାଛ ମାରିବା ଯାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର୍ଯ୍ୟପଲ୍ଲୀ ଅଞ୍ଚଳର ମତ୍ସ୍ୟଜୀବୀମାନେ ଦୁଇଦିନ ହେଲା ହାତବାନ୍ଧି ବସିଛନ୍ତି। ଆର୍ଯ୍ୟପଲ୍ଲୀ ନିକଟରେ ଥିବା ଜେଟିରେ ମତ୍ସ୍ୟଜୀବୀମାନେ ନିଜ ନିଜ ଡ଼ଙ୍ଗା ଓ ଜାଲକୁ ସୁରକ୍ଷିତ ଭାବେ ବାନ୍ଧିଜଗି ରହିଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଅଧିକ ସହାୟତା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି । ଅନ୍ୟପଟେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ରହିଥିବାରୁ ମତ୍ସ୍ୟ ବିଭାଗ ଓ ସାଗର ମିତ୍ରମାନେ ମତ୍ସ୍ୟଜୀବୀମାନଙ୍କୁ ବୁଝାଇବା ସହିତ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ସଚେତନତା କରୁଛନ୍ତି । ଛତ୍ରପୁର ସର୍କିଟ ହାଉସ୍ ନିକଟରେ ବର୍ଷା ଯୋଗୁ ଏକ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଫଳରେ ଉକ୍ତ ରାସ୍ତାରେ ଗାଡିମୋଟର ଓ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଛତ୍ରପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ବିଭାଗୀୟ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ବ୍ୟବସ୍ଥା ସୁଧାରିଥିଲେ।

## ସୁଭଦ୍ରା ସଚେତନତା ରଥ ଗଡ଼ିଲା

ବେଲଗୁଣ୍ଠା,୯।୯(କୃଷ୍ଣଚନ୍ଦ୍ର ପଟ୍ଟନାୟକ)–ବେଲଗୁଣ୍ଠା ୧ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସଚେତନତା ରଥ ଶୁଭାରମ୍ଭ କରିଛନ୍ତି। ବେଲଗୁଣ୍ଠାଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ରଙ୍କ ସମେତ ଏନ୍ଏସିର ସମସ୍ତ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସମସ୍ତ ୧୩ଟି ୱାର୍ଡ ପରିକ୍ରମା କରି ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରିଥିଲେ। ଏହିକାର୍ଯ୍ୟକ୍ରମରେ ନଗର ମିଶନ ପରିଚାଳକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଟାକ୍ସ କଲେକ୍ଟର ବାବୁଲା ଗୌଡ଼ ଓ ସନ୍ତୋଷ ପଣ୍ଡା, ଗୟାଚାନ୍ଦ ସାହୁ, ସାନିଟାଇଜେସନ ସୁପରଭାଇଜର ଶିବରାମ ଚୌଧୁରୀ ଓ ପଦ୍ମନାଭ ପ୍ରଧାନ, ଏନଫୋର୍ସମେଣ୍ଟ ଅଫିସର ମଳୟ କୁମାର ଦାସ, ସ୍ୱଚ୍ଛ ସାଥି ସୁପରଭାଇଜର ପାୟଲ କୁମାରୀ ମହାପାତ୍ର, ରଞ୍ଜିତା ସାହୁ, ମିନତୀ ମହାରଣା, ରାଜଲକ୍ଷ୍ମୀ ପାଳ, ଅଞ୍ଜଳି ରାଉତ ସମେତ ବ୍ଲକ ଓ ଏନଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଡ୍ରେନ୍‌ରେ ମଇଳା ଜାମ୍, ଘରେ ପଶିଲା ବର୍ଷାପାଣି

ଦାରିଙ୍ଗବାଡି, ୯।୯ (ଅରୁଣ ସାହୁ )

କନ୍ଧମାଳ ଜିଲାରେ ଲଘୁଚାପ ଯୋଗୁ ରବିବାର ବିଳମ୍ବିତ ରାତିରୁ ବର୍ଷା ଜାରି ରହିଛି। ସୋମବାର ସକାଳଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇଛି। ଫଳରେ କିଛି ପଞ୍ଚାୟତ ଅଞ୍ଚଳରେ ଡ୍ରେନ ବ୍ୟବସ୍ଥା ବ୍ୟପର୍ଯ୍ୟସ୍ତ ହେତୁ ମଇଳା ପାଣି ରାସ୍ତା ଉପରେ ପ୍ରବାହିତ ହେଉଛି। ଉକ୍ତ ବ୍ଲକର ସିମନବାଡିର ଦଡିବାଡ଼ିଠାରୁ ବଜାର ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ବ୍ୟବସ୍ଥା ପ୍ରାୟ ନାହିଁ। ଯେଉଁ କିଛି ସ୍ଥାନରେ ଡ୍ରେନ ରହିଛି ସେଠି ନିୟମିତ ବ୍ୟବଧାନରେ ସଫା ହେଉ ନ ଥିବାରୁ ଡ୍ରେନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇରହିଛି। ଏହି କାରଣରୁ



ସ୍କୁଲ ସାହିରେ ଲୋକଙ୍କ ଘରେ ପଶିଥିବା ବର୍ଷାପାଣି।

ବର୍ଷା ପାଣି ଡ୍ରେନରେ ପ୍ରବାହିତ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ସ୍କୁଲ ସାହିରେ କିଛି ଲୋକଙ୍କ ଘରେ ବର୍ଷା ପାଣି ପଶିଯିବାରୁ ଲୋକମାନଙ୍କ ଘରର ଜିଣିଷପତ୍ର, ଚାଉଳ, ଡାଲି ନଷ୍ଟ ହୋଇଯାଇଛି। ଲୋକେ ଘରୁ ବର୍ଷା ପାଣି ବାହାର କରିବାରେ ଲାଗିଛନ୍ତି। ବର୍ଷା ପୂର୍ବରୁ ଡ୍ରେନଗୁଡିକ ସଫା କରାଯାଉ ନ ଥିବାରୁ ଏବେ ଲୋକେ ହଇରାଣ ହେଉଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ୨୧ ହଜାର ରୁଦ୍ରାକ୍ଷରେ ଗଣେଶ ମୂର୍ତ୍ତି

ଭଞ୍ଜନଗର,୯।୯(ବାବୁଲା ପ୍ରଧାନ): ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡି ମସାଣି ସାହିରେ ୨୧ ହଜାର ରୁଦ୍ରାକ୍ଷରେ ନିର୍ମିତ ଗଣେଶ ମୂର୍ତ୍ତି ପୂଜା ପାଉଛନ୍ତି। ଏହି ମୂର୍ତ୍ତି ଦେଖିବା ପାଇଁ ପ୍ରତ୍ୟେହ ଲୋକଙ୍କ ଭିଡ଼ ଜମୁଛି। ଭଞ୍ଜନଗର ମାଲସାହି ବାସିନ୍ଦା ଭି. ଧର୍ମା ରାଓ ଉକ୍ତ ମୂର୍ତ୍ତି ନିର୍ମାଣ କରିଛନ୍ତି। ଧର୍ମା ଗତବର୍ଷ ଏଠାରେ କାଜୁରେ ମୂର୍ତ୍ତି ନିର୍ମାଣ କରି ଚର୍ଚ୍ଚାରେ ଥିଲେ । ସେ ତାଙ୍କ ବାପା ଭି. ରମାରାଓଙ୍କଠାରୁ ମୂର୍ତ୍ତି ତିଆରି କରିବା ଶିଖିଛନ୍ତି। ବାପାଙ୍କ କଳାକୁ ବଞ୍ଚାଇ ରଖିବା ପାଇଁ ପ୍ରତିବର୍ଷ କିଛି ନୂଆ ଧରଣର ମୂର୍ତ୍ତି କରିବା ପାଇଁ ଆଗ୍ରହ ରଖିଥିବା ଧର୍ମା କହିଛନ୍ତି।



ରୁଦ୍ରାକ୍ଷରେ ନିର୍ମିତ ମୂର୍ତ୍ତି।

## ଜୁଆଆଡ୍ଡାରେ ଚଢ଼ାଉ, ୪ ମହିଳା ସମେତ ୧୪ ଗିରଫ

ଚିକିଟି,୯।୯(ପ୍ରକାଶ ଚନ୍ଦ୍ର ସାହୁ) କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟି ପେଣ୍ଠ ସ୍ଥିତ ଶାନ୍ତିନଗର ସାହିର ଏକ ଘରେ ରବିବାର ବିଳମ୍ବିତ ରାତିରେ ଜୁଆ ଆଡ୍ଡା ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ଏଥିରେ ୪ ମହିଳା ସମେତ ୧୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୦ ମୋବାଇଲ୍ ସମେତ ୯୫,୨୦୦ଟଙ୍କା ଜବତ ହୋଇଛି। ଏ ନେଇ ନଂ. ୨୭୧/୨୪ରେ ମାମଲା ରୁଜୁ କରି ପାତ୍ରପୁର କୋର୍ଟ ଚାଲାଣ କରାଯାଇଥିବା କେ. ନୂଆଗାଁ ଥାନା ଅଧିକାରୀ କିଶୋର କୁମାର ସାମଲ କହିଛନ୍ତି।

## ଗାଇବାରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ ଦାବି

ଗୁମ୍ମା,୯।୯(ପ୍ରବୀଣ କୁମାର ଲିମା)

ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ଗାଇବା ଗ୍ରାମରେ ଏକ ବିଦ୍ୟୁତ୍ ସବ-ଷ୍ଟେଶନ ନିର୍ମାଣ କରିବା ଦାବିରେ ପାରଳାଖେମୁଣ୍ଡି ବିଧାୟକ ଇ. ରୂପେଶ କୁମାର ପାଣିଗ୍ରାହୀ ଜିଲାପାଳ ବିଜୟ କୁମାର ଦାସଙ୍କ ସହିତ ଆଲୋଚନା କରିଥିଲେ। ଗାଇବା ପଞ୍ଚାୟତ, ପରିଡ଼ା, ବୃଷବ, ବାଇଝାଲ ପଞ୍ଚାୟତରେ ବିଦ୍ୟୁତର ଅନେକ ସମସ୍ୟା ରହୁଛି। ଟିକେ ବର୍ଷା ବା ପବନ ହେଲେ ବିଦ୍ୟୁତ କଟିଯାଉଛି। ଫଳରେ ନେଟୱର୍କ ବି ଚାଲିଯାଉଛି। ଏ ନେଇ ଅଞ୍ଚଳବାସୀ ବିଦ୍ୟୁତ ସବ-ଷ୍ଟେଶନ ନିର୍ମାଣ କରିବା ପାଇଁ ବିଧାୟକଙ୍କୁ ଅଭିଯୋଗ ଜଣାଇଥିଲେ। ଅଭିଯୋଗକୁ ଶୁଣିବା ପରେ ସନ୍ଧ୍ୟାରେ ଗଜପତି ଜିଲାପାଳ ବିଜୟ କୁମାର ଦାସଙ୍କ ସହିତ ବିଧାୟକ ଆଲୋଚନା କରିଥିଲେ। ଗୁମ୍ମା ପାୱାର ହାଉସ୍‌ଠାରୁ ଗାଇବାକୁ ୧୨ କିଲୋମିଟର ହେଉଥିବା ବେଳେ ଉଖୁରା, ପରିଡ଼ା, ବୃଷଭ, ବାଇଝାଲ ଓ ତୋରଭା ଏହି ୬ଟି ପଞ୍ଚାୟତର ୪ହଜାରରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଉପଭୁକ୍ତା ଏବଂ ୧୩୨ଟି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଏହି ଅଞ୍ଚଳଟି ପାହାଡ଼ ପର୍ବତ ଘେରାରେ ରହିଥିବାରୁ ବିଭିନ୍ନ ସମୟରେ ବିଦ୍ୟୁତ ତ୍ରୁଟି ଦେଖାଯାଇଥାଏ। ଏପରି ସମସ୍ୟାକୁ ଦୃଷ୍ଟିରେ ରଖି ୨୦୧୩ରେ ଗାଇବାଠାରେ ସବ-ଷ୍ଟେଶନ ନିର୍ମାଣ ପାଇଁ ଜାଗା ଅଧିକରଣ କରାଯାଇଛି। ଦୀର୍ଘବର୍ଷ ଧରି ଉକ୍ତ ଜାଗାଟି ସେହିପରି ପଡ଼ି ରହିଥିବାରୁ ଗାଇବାଠାରେ ସବ-ଷ୍ଟେସନ ନିର୍ମାଣ ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବିଧାୟକ। ସେହିପରି ଗୁମ୍ମା ବ୍ଲକ ସଦର ମହକୁମା ହେଉଥିବା ଯୋଗୁ ଏଠାରେ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି। ତେଣୁ ଗୁମ୍ମା ସଦରମହକୁମାକୁ ସ୍ୱତନ୍ତ୍ର ଭାବେ ଏକ ଭିଡ଼ର ଯୋଗେଇ ଦେବା ପାଇଁ ଆଲୋଚନା କରିଥିଲେ। ଆଲୋଚନା ସମୟରେ ବିଧାୟକଙ୍କ ସମେତ ଜିଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଉପାଧ୍ୟକ୍ଷ ଶ୍ରୀନିବାସ ଉପସ୍ଥିତ ଥିଲେ।

## ସନ୍ଦେହଘେରରେ ଆର୍‌ଆଇ, ତହସିଲଦାର

### ସରକାରୀ ଜମି ବିକ୍ରି ଘଟଣା

ଫୁଲବାଣୀ, ୯।୯(ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଫୁଲବାଣୀ ସହରରେ ଜଣେ ସରକାରୀ ଶିକ୍ଷକ ଦୀର୍ଘ ବର୍ଷ ଧରି ସରକାରୀ ଜମି ବିକ୍ରି କରି ଚାଲିଛନ୍ତି। ତାଙ୍କ ନାମରେ ଅଭିଯୋଗ ଆସିବା ପରେ ତଦନ୍ତ ହୋଇଛି। ହେଲେ ଆଜି ଯାଏ ତାଙ୍କୁ ସରକାରୀ ଜମିରୁ ଉଚ୍ଛେଦ କରାଯାଉନାହିଁ। ସରକାରୀ ଜମି ବିକ୍ରି ପଛରେ ଫୁଲବାଣୀ ତହସିଲଦାର, ରାଜସ୍ୱ ନିରୀକ୍ଷକ ଏବଂ ତହସିଲ ଅଫିସର ଜଣେ ମହିଳା କିରାଣି ସିଧାସଳଖ ସମ୍ପୃକ୍ତ ଅଛନ୍ତି। ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି, ସମ୍ପୃକ୍ତ ଶିକ୍ଷକଙ୍କ ଝିଅ ଏବଂ ସମ୍ପୃକ୍ତା କିରାଣିଙ୍କ ଝିଅ ଗୋଟିଏ ଶ୍ରେଣୀରେ ପାଠ ପଢୁଛନ୍ତି । ତେଣୁ ନିବିଡତା ଭିତରେ ସମସ୍ତ ଘଟଣା ଚାଲିଛି। ଅନ୍ୟପଟେ ରାଜସ୍ୱ ନିରୀକ୍ଷକ ସବୁ ଜାଣି ନ ଜାଣିବା ପରି ଅଭିନୟ କରୁଛନ୍ତି । ବହୁ ଦିନ ଧରି ଆର୍‌ଆଇ ଏଠାରେ ରହି ନିଜର କଳା ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ତାଙ୍କ ସମୟରେ ବହୁ ଜବରଦଖଲ ମାମଲା ରୁଜୁ ହୋଇଛି । ହେଲେ ଜିଲା ପ୍ରଶାସନ କାହିଁକି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ଜବରଦଖଲକାରୀ ଶିକ୍ଷକଙ୍କ ଘର ଆଗରେ ତହସିଲଦାର।

ଅନ୍ୟପଟେ ତହସିଲଦାର ତଦନ୍ତ ରିପୋର୍ଟ ପାଇଲା ପରେ ବି ଉଚ୍ଛେଦ ପାଇଁ ନୋଟିସ ଲଗାଇ ନାହାନ୍ତି। କାହା ଛତ୍ରଛାୟା ତଳେ ସମ୍ପୃକ୍ତ ଶିକ୍ଷକ ଅଛନ୍ତି ବୋଲି ଏବେ ସବୁଠି ଆଲୋଚନା ଚାଲିଛି।

ଗତ ୨୮ତାରିଖରେ ଧରିତ୍ରୀରେ 'ଶିକ୍ଷକ ବିକି ଚାଲିଛନ୍ତି ସରକାରୀ ଜମି'ଶୀର୍ଷକ ଖବର ପ୍ରକାଶ ପାଇବା ପରେ ତହସିଲଦାର ଉଚ୍ଛେଦ କରିବା ପାଇଁ ନୋଟିସ ଜାରି କରିବା ପରିବର୍ତ୍ତେ, ନିଜେ ସମ୍ପୃକ୍ତ ଶିକ୍ଷକଙ୍କ ଘରକୁ ଯାଇଥିବା ଦେଖିବାକୁ ମିଳିଛି। ସେଠାରେ ଶିକ୍ଷକଙ୍କୁ ହାଇକୋର୍ଟ ଯିବାକୁ ପରାମର୍ଶ ଦେଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ନେଇ ତହସିଲଦାର ସଚ୍ଚିଦାନନ୍ଦ ନାୟକଙ୍କୁ ପଚାରିବାରୁ ଆସନ୍ତା ୧୩ ତାରିଖରେ ଉଚ୍ଛେଦ ପାଇଁ ନୋଟିସ ଦିଆଯାଇଥିବା କହିଛନ୍ତି। ସେହିପରି ଆର୍‌ଆଇ ରାଧାମୋହନ ସାହୁ କହିଛନ୍ତି, ମୋତେ ମିଳିଥିବା ନିର୍ଦ୍ଦେଶ ଅନୁସାରେ ମୁଁ ତଦନ୍ତ କରି ରିପୋର୍ଟ ଦେଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ହଟେଇବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ଏହି ନିର୍ଦ୍ଦେଶନାମା ଉପରେ କନ୍ଧମାଳ ଜିଲାରେ କିଛି ପ୍ରଭାବ ପଡୁନାହିଁ । ଫୁଲବାଣୀ ନାରାୟଣୀ ମନ୍ଦିରଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତାରେ ଶିକ୍ଷକ ଜଣକ ସରକାରୀ ଜମି ଦଖଲ କରିଛନ୍ତି। ଏହି ଜମିରେ ଲାଗିଥିବା ଚନ୍ଦନ ଗଛ କାଟି ନିଜେ କୋଠା ନିର୍ମାଣ କରି ଚାଲିଛନ୍ତି । ଜାଗାର କିଛି ଅଂଶକୁ ଅନ୍ୟମାନଙ୍କୁ ବିକ୍ରି କରିଛନ୍ତି। ପାଖାପାଖି ୩୫ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ଏହି ଅଭିଯୋଗ ପାଇବା ପରେ ତଦନ୍ତ କରି ପୂର୍ବତନ ତହସିଲଦାର ନିର୍ମାଣ କାମକୁ ବନ୍ଦ କରି ଉକ୍ତ ଜାଗାରେ ସରକାରୀ ଫଳକ ଲଗାଇଥିଲେ । ତାଙ୍କର ବଦଳି ହେବାପରେ ସମ୍ପୃକ୍ତ ଶିକ୍ଷକ ଜଣକ ସେହି ଜାଗାରେ ପୁଣି କୋଠା ନିର୍ମାଣ କାମ ଆରମ୍ଭ କରିବା ସହ ସେହି ଜାଗାକୁ ଭାଗ ଭାଗକରି ବିକ୍ରି କରିଛନ୍ତି।

